# ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଚମ୍ପୁଆ

**ବିଜ୍ଞପ୍ତି ସଂଖ୍ୟା- ୧୭୨୪ ତାରିଖ- ୪/୧୧/୧୯**

**ଅନୁସୂଚିତ ଜନଜାତି ନିମନ୍ତେ ସଂରକ୍ଷିତ ଅସ୍ଥାୟୀ,ଚୁକ୍ତି ଭିତ୍ତିକ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପୂରଣ ନିମନ୍ତେ ବିସ୍ତୃତ ବିଜ୍ଞାପନ**

ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପରିପତ୍ର ସଂଖ୍ୟା -୧୩୯୯୮/SSD/ତା -୧୨.୦୪.୨୦୧୩ ଅନୁସାରେ ମାଟକାମବେଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଟକାମବେଡାରେ ଖାଲି ଥିବା ସମ୍ପୂର୍ଣ୍ଣରୂପେ ଅସ୍ଥାୟୀ, ଚୁକ୍ତି ଭିତ୍ତିକ, ଏକୀକୃତ ପାରିଶ୍ରମିକ (Purely temporary, contractual & with consolidated pay) ଭିତ୍ତିରେ ୪ର୍ଥ ଶ୍ରେଣୀ (Group-IV) କର୍ମଚାରୀ ନିଯୁକ୍ତି ନିମନ୍ତେ ରେଜିଷ୍ଟ୍ରୀ ଡାକ/ ତ୍ୱରିତ ଡାକ (Speed Post) ଯୋଗେ. ତା30..../୧୧/୨୦୧୯ ରିଖ ସନ୍ଧ୍ୟା ୫.୩୦ ଘଟିକା ସୁଦ୍ଧା ଅନୁସୂଚିତ ଜନଜାତି (ST) ର ଯୋଗ୍ୟ ପ୍ରାର୍ଥୀ ମାନଙ୍କଠାରୁ ସମ୍ପୃକ୍ତ ନିଯୁକ୍ତି ପ୍ରାଧିକାରୀ (Appointing Authority) ଙ୍କ ତରଫରୁ ନିମ୍ନଲିଖିତ ଚୁକ୍ତିଭିତ୍ତିକ ପଦବୀପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ପଦବୀଗୁଡିକର ଏକୀକୃତ ମାସିକ ପାରିଶ୍ରମିକ ଟ. ୪,୪୪୦/- (ଚାରି ହଜାର ଚାରି ଶହ ଚାଳିଶ ଟଙ୍କା) ଅଟେ । ନିମ୍ନୋକ୍ତ ପଦବୀ ପାଇଁ କୌଣସି ମହଙ୍ଗାଭତ୍ତା (Dearness Allowance), ଘରଭଡା ଭତ୍ତା (House Rent Allowance), ଚିକିତ୍ସା ଏବଂ ଅନ୍ୟାନ୍ୟ ଭତ୍ତା (RCM & Other Allowances) ଦିଆଯିବନାହିଁ । ପ୍ରାର୍ଥୀ ମାନେ ଭବିଷ୍ୟତରେ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରିପାରିବେ ନାହିଁ ।

**ତାଲିକା- କ**

| କ୍ର. ସଂ | କାର୍ଯ୍ୟାଳୟର ନାମ | ଚପରାଶି (Peon) | |
|---|---|---|---|
| | | ଅନୁସୂଚିତ ଜନଜାତି | |
| | | ପୁରୁଷ | ମହିଳା |
| 01 | ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଟକାମବେଡା | ୦୧ | ୦୦ |

## ଚୁକ୍ତି ଭିତ୍ତିକ ନିଯୁକ୍ତିର ସର୍ତ୍ତାବଳୀ

**୧. ସାଧାରଣ ପାତ୍ରତା ମାନଦଣ୍ଡ (General Eligibility Criteria):**

(କ) ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଦବୀ ନିମନ୍ତେ ଉଦ୍ଦିଷ୍ଟ ଚୁକ୍ତି ଭିତ୍ତିକ ନିଯୁକ୍ତି ନିୟମ – ୨୦୧୩ ଅନୁସାରେ ଉପରୋକ୍ତ ପଦବିଗୁଡିକର ଚାକିରି ସର୍ତ୍ତାବଳୀ ନିୟନ୍ତ୍ରିତ ହେବ ।

(ଖ) ବୟସ ସୀମା (Age): - ତା ୦୧.୧୧.୨୦୧୯ ସୁଦ୍ଧା ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ସର୍ବାଧିକ ୩୭ ବର୍ଷ ମଧ୍ୟରେ ହେବ ଆବଶ୍ୟକ ଅଟେ ।

(ଗ) ଆବେଦନକାରୀ ଉପରୋକ୍ତ ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବା ନିମନ୍ତେ ନିମ୍ନ ଲିଖିତ ସର୍ତ୍ତଗୁଡିକ ପୂରଣ କରିବା ଆବଶ୍ୟକ । (୧) ସେ ଭାରତୀୟ ନାଗରିକ ହୋଇଥିବେ ।(୨) ସେ କେନ୍ଦୁଝର ଜିଲ୍ଲାର ସ୍ଥାୟୀ ନିବାସୀ ହୋଇଥିବା ଆବଶ୍ୟକ ।

(୩) ସେ କେନ୍ଦୁଝର ଜିଲ୍ଲା ଅଧିନସ୍ଥ ଯେ କୌଣସି ଓଡିଶା ସରକାରଙ୍କ କର୍ମ ନିଯୋଜନ (Employment Exchange of Government of Odisha) କାର୍ଯ୍ୟାଳୟରେ ଦରଖାସ୍ତ ତାରିଖ ପୂର୍ବରୁ ପଞ୍ଜୀକୃତ (Registered) ଓ ଦରଖାସ୍ତ ତାରିଖ ସୁଦ୍ଧା ତାହାଙ୍କର ପଞ୍ଜୀକରଣ ବୈଧ (Valid Registration) ଥିବା ଆବଶ୍ୟକ । ଏହା ବ୍ୟତିରେକ ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ । (୪) ସେ ଉତ୍ତମ ଚରିତ୍ରର ଅଧିକାରୀ ହୋଇଥିବେ । ସେ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ତଥା କର୍ମଠ ହୋଇଥିବେ । (୫) ଆବେଦନକାରୀ ବିବାହିତ ହୋଇଥିଲେ ତାଙ୍କର ଗୋଟିଏ ରୁ ଅଧିକ ପତ୍ନୀ ନ ଥିବା ବିଷୟରେ ଘୋଷଣା କରିବେ ।

**୨. ଶିକ୍ଷାଗତ ଯୋଗ୍ୟତା** - ଆବେଦନକାରୀ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ନିମ୍ନମତେ ହୋଇଥିବା ଆବଶ୍ୟକ ଅଟେ । ଉଚ୍ଚତର ଶିକ୍ଷାଗତ ଯୋଗ୍ୟତା ନିମନ୍ତେ କୌଣସି ଅଗ୍ରାଧିକାର ଦିଆଯିବ ନାହିଁ ।

| ପଦବୀ | ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା |
|---|---|
| ଚପରାଶି (Peon) | ଅଷ୍ଟମ ପାସ (8th Class passed) |

**୩. ନିଯୁକ୍ତି ପ୍ରକ୍ରିୟା (Recruitment Process)-**

ନିଯୁକ୍ତି ପ୍ରକ୍ରିୟାରେ ନିମ୍ନଲିଖିତ ପରୀକ୍ଷା ଅନୁଷ୍ଠିତ ହେବ ।

(କ) ଆବେଦନକାରୀମାନେ ଓଡିଆ ଭାଷା ପଢିବା ଓ ଲେଖିବା ଜାଣିଥିବେ ଏବଂ ସାଧାରଣ ଜ୍ଞାନ ଉପରେ ଏକ ମୌଖିକ ପରୀକ୍ଷାରେ ସମ୍ମୁଖୀନ ହେବେ ।

(ଖ) କୌଣସି ଲିଖିତ ପରୀକ୍ଷା ହେବ ନାହିଁ ।

(ଗ) ଉଚ୍ଚତର ଯୋଗ୍ୟତା ନିମନ୍ତେ କୌଣସି ଅଗ୍ରାଧିକାର ଦିଆଯିବନାହିଁ ।

**୪. ଆବେଦନ ଫର୍ମ ସହିତ ଦାଖଲ ହେବାକୁ ଥିବା ଦସ୍ତାବିଜ (Document)**

ଆବେଦନକାରୀମାନେ ପୂରଣ ହୋଇଥିବା ନିର୍ଦ୍ଧାରିତ ଫର୍ମ ସହିତ ନିଜଦ୍ୱାରା ତସଦିକ ହୋଇଥିବା (Self Attested) ନିମ୍ନଲିଖିତ ଦସ୍ତାବିଜଗୁଡିକର (Documents) ନକଲ ଦାଖଲ କରିବେ ।

(କ) ସମ୍ମୁଖ ଭାଗରେ ନିଜେ ଦସ୍ତଖତ କରିଥିବା ହାଲରେ (Recent) ଉଠାଯାଇଥିବା ନିଜର ୨ଟି ରଙ୍ଗୀନ ପାର ପତ୍ର (Passport) ଆକାରର ଫୋଟୋ ।

(ଖ) ନିଜ ଠିକଣା ଲେଖାଯାଇଥିବା ଓ ୨୫ ଟଙ୍କାର ଡାକଟିକଟ ଲାଗିଥିବା (୨୩ ସେ.ମି x ୧୦ ସେ.ମି ) ୨ ଗୋଟି ଲଫାପା ।

(ଗ) ଆବେଦନ କରାଯାଇଥିବା ପଦବୀ ନିମନ୍ତେ ସମ୍ପୃକ୍ତ ଶିକ୍ଷାଗତ ଯୋଗ୍ୟତା ଓ ଜନ୍ମ ତାରିଖ ବାବଦରେ ମଧ୍ୟ ଇଂରାଜୀ ଓ ଦଶମ ଶ୍ରେଣୀ ପାସ କରିଥିବା ପ୍ରମାଣ ପତ୍ରର ନକଲ ।

(ଘ) ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ଜାରି ହୋଇଥିବା ଜାତିଗତ ପ୍ରମାଣ ପତ୍ରର ନକଲ ।

(ଙ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ସମ୍ପୃକ୍ତ ତହସିଲଦାରଙ୍କ ଦ୍ୱାରା ଜାରି ହୋଇଥିବା ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ନକଲ । ସ୍ଥାୟୀ ବାସିନ୍ଦା (Resident) ପ୍ରମାଣ ପତ୍ର ଆବେଦନର ଶେଷ ତାରିଖ ସୁଦ୍ଧା ସର୍ବାଧିକ ଏକ ବର୍ଷ ମଧ୍ୟରେ ଜାରି ହୋଇଥିବା ଆବଶ୍ୟକ ଅଟେ ।

(ଚ) ସମ୍ପୃକ୍ତ ତହସିଲଦାରଙ୍କ ଦ୍ୱାରା ଜାରି ହୋଇଥିବା ଜାତି ପ୍ରମାଣ ପତ୍ର (Caste Certificate) ର ନକଲ ।

(ଛ) ଦୁଇ ଜଣ ଗେଜେଟେଡଭୁକ୍ତ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ଦୁଇଗୋଟି ଚରିତ୍ର ପ୍ରମାଣପତ୍ର ।

**୫. କିପରି ଆବେଦନ କରିବେ**

ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ଚମ୍ପୁଆ, PIN-758041 ଙ୍କ ଠିକଣାରେ ରେଜିଷ୍ଟ୍ରୀ ଡାକ (Registered Post) / ତ୍ୱରିତ ଡାକ (Speed Post) ଯୋଗେ ସଂପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଦରଖାସ୍ତ ସହ ସମସ୍ତ ଦସ୍ତାବିଜଗୁଡିକ (Documents) **ତା ୨୦.୧୧.୨୦୧୯..... ରିଖ ସନ୍ଧ୍ୟା ୫.୩୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ । ଏହି ତାରିଖ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବ ନାହିଁ । ଡାକ ବିଳମ୍ବ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଦରଖାସ୍ତ ପ୍ରେରଣ କରୁଥିବା ଲଫାପା ଶୀର୍ଷରେ ଲାଲ ରଙ୍ଗ ସ୍ୟାହି ରେ **"ଅନୁସୂଚିତ ଜନଜାତିଙ୍କ ନିମନ୍ତେ ସଂରକ୍ଷିତ ଚୁକ୍ତିଭିତିକ ଚତୁର୍ଥ ଶ୍ରେଣୀ ଚପରାଶି (Peon) ପଦବୀ ପୂରଣ ନିମନ୍ତେ ଆବେଦନ ପତ୍ର"** ବୋଲି ଉଲ୍ଲେଖ କରନ୍ତୁ ।

**ଟିପ୍ପଣୀ (Note)**

୧. କର୍ତ୍ତୃପକ୍ଷ ବିନା ସୂଚନାରେ ଉପରୋକ୍ତ ଦରଖାସ୍ତଗୁଡିକୁ ନାମଞ୍ଜୁର କରିପାରନ୍ତି କିମ୍ବା ଉପରୋକ୍ତ ବିଜ୍ଞାପନ ଓ ନିଯୁକ୍ତି ପ୍ରକ୍ରିୟାକୁ ଆଂଶିକ ପରିବର୍ତ୍ତନ କିମ୍ବା ସଂପୂର୍ଣ୍ଣ ଭାବରେ ନାକଚ କରିବାର କ୍ଷମତା ନିଜ ପାଖରେ ରଖିଛନ୍ତି । ଆବଶ୍ୟକ ହେଲେ ବିନା କାରଣ ଦର୍ଶାଇ ଏହି ନିଯୁକ୍ତି ବିଜ୍ଞାପନଟିକୁ ଆଂଶିକ ପରିବର୍ତ୍ତନ / ପୂର୍ଣ୍ଣ ପରିବର୍ତ୍ତନ / ରଦ୍ଦ କରାଯାଇପାରେ ।

୨. ଉପରୋକ୍ତ ପରୀକ୍ଷାରେ ଯୋଗ ଦେବା ନିମନ୍ତେ ଆବେଦନକାରୀଙ୍କୁ କୌଣସି ଦୈନିକ ଭତ୍ତା କିମ୍ବା ଗସ୍ତ ଖର୍ଚ୍ଚ ଦିଆଯିବ ନାହିଁ ।

୩. ସଂପୂର୍ଣ୍ଣ ବିଜ୍ଞାପନଟି ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଚମ୍ପୁଆ ଙ୍କ ବିଜ୍ଞାପନ ଫଳକ (Notice Board) ରୁ ପାଇପାରିବେ ।

୪. ଯେଉଁ ଆବେଦନକାରୀମାନଙ୍କ ଦରଖାସ୍ତଗୁଡିକ ସଂପୂର୍ଣ୍ଣ ଭାବରେ ଠିକ ଥିବ ସେମାନଙ୍କୁ ପରୀକ୍ଷାର ତାରିଖ, ସମୟ ଓ ସ୍ଥାନ କାର୍ଯ୍ୟାଳୟ ତରଫରୁ ଜଣାଇଦିଆଯିବ । କେବଳ ମାତ୍ର ଯୋଗ୍ୟତା ତାଲିକା (Merit List) ରେ ସେମାନଙ୍କ ନାମ ରହିଥିବା ଆଧାରରେ ଆବେଦନକାରୀମାନେ କୌଣସି ନିଯୁକ୍ତି ପାଇଁ ଦାବି କରି ପାରିବେ ନାହିଁ ।

୫.. ଆବେଦନକାରୀମାନେ ସେମାନଙ୍କର ନିଯୁକ୍ତି ପାଇଁ କୌଣସି ସୂତ୍ରରୁ ଚାପ କିମ୍ବା ପ୍ରଲୋଭନ ପ୍ରଦର୍ଶନ କରିବେ ନାହିଁ ।

୬. ଯୋଗ୍ୟ ପ୍ରାର୍ଥୀ ମାନଙ୍କୁ ଚୁକ୍ତିଭିତିକ ନିଯୁକ୍ତି ପୂର୍ବରୁ ଡାକ୍ତରୀ ସୁସ୍ଥତା ଯାଞ୍ଚ (Medical Fitness Check) କରାଯିବ ।

୩୦।୧୦।୨୦୧୯.

ପ୍ରକଳ୍ପ ପ୍ରଶାସକ,
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଚମ୍ପୁଆ

# (ଦରଖାସ୍ତ ଫର୍ମ)

| ଆବେଦନକାରୀଙ୍କ ପାସପୋର୍ଟ (Passport) ଆକାରର ଫୋଟୋ ନିମନ୍ତେ ସ୍ଥାନ |
|---|

ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଟକାମବେଡାରେ ଖାଲି ପଡିଥିବା ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଚୁକ୍ତିଭିତ୍ତିକ

ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପୂରଣ ନିମନ୍ତେ ଆବେଦନ ପତ୍ର

(ବି.ଦ୍ର: ଦରଖାସ୍ତଟି ପଢି ହେଉନଥିଲେ ବା ଅସମ୍ପୂର୍ଣ୍ଣ ଥିଲେ ରଦ୍ଦ କରାଯିବ)

୧. ଦରଖାସ୍ତକାରୀଙ୍କ ନାମ :-

୨. ପିତାଙ୍କ ନାମ :-

୩. ଜନ୍ମ ତାରିଖ :- ଦିନ (Day) [ ][ ] ମାସ (Month) [ ][ ] ବର୍ଷ (Year) [ ][ ][ ][ ]

(ସ୍କୁଲ ପରିତ୍ୟାଗ ପ୍ରମାଣ ପତ୍ର ଅନୁଯାୟୀ ଲେଖନ୍ତୁ ଓ ପ୍ରମାଣ ପତ୍ରର ନକଲ ନିଜ ଦ୍ୱାରା ତସଦିକ (Self Attested) କରି ଦରଖାସ୍ତ ସହିତ ସଂଯୋଗ କରନ୍ତୁ । ମାଟ୍ରିକ ପାସ ବା ଫେଲ ହୋଇଥିବା ପାର୍ଥୀ ପାସ ବା ଫେଲ ର ଚୂଡାନ୍ତ ସାର୍ଟିଫିକେଟର ନକଲ ନିଜ ଦ୍ୱାରା ତସଦିକ (Self Attested) କରି ଦରଖାସ୍ତ ସହିତ ସଂଯୋଗ କରନ୍ତୁ ।)

୪. ବୟସ ୦୫.୦୮.୨୦୧୭ ତାରିଖ ସୁଦ୍ଧା ........................ ବର୍ଷ ........................... ମାସ .................................. ଦିନ

୫. ସ୍ଥାୟୀ ଠିକଣା :-

୬. ପତ୍ର ବିନିମୟ ନିମନ୍ତେ ଠିକଣା:-

୭. ଲିଙ୍ଗ (ଉପଯୁକ୍ତ ବାକ୍ସରେ ଠିକ '√ ' ଚିହ୍ନ ଦିଅନ୍ତୁ ) - ପୁରୁଷ - [ ] ମହିଳା - [ ]

୮. (କ) ଜାତୀୟତା : - (ଖ) ଧର୍ମ : -

୯. ଫୋନ ନଂ (କ) ଲାଣ୍ଡ ଲାଇନ ନଂ : - (ଖ) ମୋବାଇଲ ନଂ :-

୧୦. ଶିକ୍ଷାଗତ ଯୋଗ୍ୟତା (ମଧ୍ୟ ଇଂରାଜୀ ବିଦ୍ୟାଳୟ ପରୀକ୍ଷା ଠାରୁ ଆରମ୍ଭ କରି)

| କ୍ରମିକ ନଂ | ପରୀକ୍ଷାର ନାମ | ପାସ କରିଥିବା ବର୍ଷ | ବିଦ୍ୟାଳୟର ନାମ / ବୋର୍ଡର ନାମ | ସଂପୂର୍ଣ୍ଣ ନମ୍ବର | ରଖିଥିବା ନମ୍ବର | ଶତକଡା ନମ୍ବର | ମନ୍ତବ୍ୟ |
|---|---|---|---|---|---|---|---|
| | | | | | | | |
| | | | | | | | |

୧୧. ଆବେଦନକାରୀ କେଉଁ ବର୍ଗର : - (ଅନୁସୂଚିତ ଜାତି / ଜନଜାତି )

୧୨. ବୈବାହିକ ସ୍ଥିତି (ଉପଯୁକ୍ତ ବାକ୍ସରେ ଠିକ '√ ' ଚିହ୍ନ ଦିଅନ୍ତୁ ) - ଅବିବାହିତ - [ ] ବିବାହିତ - [ ]

(ଆବେଦନକାରୀ ବିବାହିତ ହୋଇଥିଲେ ତାଙ୍କର ଗୋଟିଏରୁ ଅଧିକ ପତ୍ନୀ ନଥିବା ବିଷୟରେ ଘୋଷଣା ପତ୍ର ସଂଲଗ୍ନ କରିବେ ।)

୧୩. ସ୍ଥାନୀୟ ନିଯୋଜନ କାର୍ଯ୍ୟାଳୟର ରେଜିଷ୍ଟ୍ରେସନ ବିବରଣୀ : (ବୈଧ ରେଜିଷ୍ଟ୍ରେସନ ପ୍ରମାଣ ପତ୍ରର ନକଲ ନିଜ ଦ୍ୱାରା ତସଦିକ କରି (Self Attested) କରି ସଂଯୋଗ କରନ୍ତୁ ।)

| ନିଯୋଜନ କାର୍ଯ୍ୟାଳୟର ନାମ | ରେଜିଷ୍ଟ୍ରେସନ ନଂ / ସଂକେତ ସଂଖ୍ୟା (Code No) | ରେଜିଷ୍ଟ୍ରେସନ ତାରିଖ | ପରବର୍ତ୍ତୀ ନବୀକରଣ ତାରିଖ |
|---|---|---|---|
| | | | |

୧୪. କର୍ମ ଅଭିଜ୍ଞତା (ଯଦି ଥାଏ) : -

ମୁଁ ସତ୍ୟନିଷ୍ଠ ଭାବେ ଏତଦ୍ୱାରା ପ୍ରମାଣିତ କରୁଅଛି ଯେ ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଓ ସଂପୂର୍ଣ୍ଣ ଅଟେ । ପୁନଶ୍ଚ, ମୁଁ ସଂଯୋଗ କରିଥିବା ସ୍ୱ ପ୍ରମାଣିତ କାଗଜପତ୍ର ମୂଳ କାଗଜର ଅବିକଳ ନକଲ ଅଟେ । ଏହା ଅନ୍ୟଥା ଭୁଲ ବୋଲି ପ୍ରମାଣିତ ହେଲେ ମୋର ପ୍ରାର୍ଥିତ୍ୱ / ଚୟନ / ନିଯୁକ୍ତି ରଦ୍ଦ କରାଯିବ ଏବଂ ମୋ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ଥାନ :

ତରିଖ :

ପ୍ରାର୍ଥୀଙ୍କ ସଂପୂର୍ଣ୍ଣ ସ୍ୱାକ୍ଷର